ସୂଚନା ଓ ଲୋକ ସଂପର୍କ ବିଭାଗ
**Information & Public Relations Department**
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

# ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସମ୍ମାନ ପ୍ରଦାନ ଉତ୍ସବ

ଭୁବନେଶ୍ୱର, ୦୮/୦୨/୨୦୧୪

ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଓଡ଼ିଶାର ନୃତ୍ୟ, ସଙ୍ଗୀତ ଓ ନାଟ୍ୟକଳା କ୍ଷେତ୍ରରେ କାର୍ଯ୍ୟକରି ସୁନାମ ଅର୍ଜନ କରିଥିବା ବିଶିଷ୍ଟ ତଥା ଖ୍ୟାତନାମା କଳାକାରମାନଙ୍କୁ ସେମାନଙ୍କ ଜୀବନ ବ୍ୟାପୀ ସାଧନାର ସ୍ୱୀକୃତି ସ୍ୱରୂପ ପ୍ରତିବର୍ଷ ସମ୍ମାନିତ କରାଯାଇଥାଏ । ୧୯୭୦ ମସିହାରୁ ଏଯାବତ୍ ୩୩୩ ଜଣ କୃତବିଦ କଳାକାରମାନଙ୍କୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସମ୍ମାନ ପ୍ରଦାନ କରାଯାଇଛି ।

ସେହିଭଳି ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ୧୯୯୦ରୁ ସର୍ବୋଚ୍ଚ ସମ୍ମାନ କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ସମ୍ମାନ ପ୍ରତିବର୍ଷ ଜଣେମାତ୍ର ବିଶିଷ୍ଟ ତଥା ବୟୋଜ୍ୟେଷ୍ଠ ଖ୍ୟାତନାମା କଳାକାରଙ୍କୁ ପ୍ରଦାନ କରାଯାଇଛି । ବର୍ତ୍ତମାନ ସୁଦ୍ଧା ୨୨ ଜଣ ଉକ୍ତ ସର୍ବୋଚ୍ଚ ସମ୍ମାନରେ ଭୂଷିତ ହୋଇଛନ୍ତି । ସେମାନଙ୍କୁ ସଂସ୍କୃତି ମନ୍ତ୍ରୀ ଶ୍ରୀଯୁକ୍ତ ମହେଶ୍ୱର ମହାନ୍ତି ପୁରସ୍କୃତ କରି ସମ୍ବର୍ଦ୍ଧିତ କରିଛନ୍ତି । ଶାସନ ସଚିବ ଅରବିନ୍ଦ ପାଢୀ, ସଭାପତି ଶରତ ପୂଜାରୀ ଉପସ୍ଥିତ ଥିଲେ ।

ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ନିର୍ଦ୍ଧାରିତ ନିୟମାନୁସାରେ ୨୦୧୨ ବର୍ଷରୁ ଏକାଡେମୀ ପୁରସ୍କାର ସଂଖ୍ୟା ୧୦ରୁ ୧୫କୁ ବୃଦ୍ଧି କରାଯାଇଛି । ୨୦୧୨ ମସିହାଠାରୁ ଯନ୍ତ୍ର ସଙ୍ଗୀତରେ ଗୋଟିଏ (ତାର ଓ ସୁଶୁରୀ ବାଦ୍ୟ) ଲୋକନୃତ୍ୟ ଓ ଲୋକ ସଙ୍ଗୀତରେ ୨ଟି (ଲୋକବାଦ୍ୟ, ଲୋକନାଟ୍ୟ) ନାଟକରେ ନାଟ୍ୟରଚନା ଓ ନିର୍ଦ୍ଦେଶନା ଛଡା (ଅଭିନୟ ଓ ମଞ୍ଚକଳା) ଏହି ଭଳି ଭାବରେ ମୋଟ ୫ଟି ପୁରସ୍କାର ବୃଦ୍ଧି କରାଯାଇଛି । ସେହି ଅନୁସାରେ ୨୦୧୨ ଓ ୨୦୧୩ ଦୁଇ ବର୍ଷ ପାଇଁ ସର୍ବୋଚ୍ଚ ସମ୍ମାନ ସହିତ ଏକ ଡେମୀ ସମ୍ମାନ ପ୍ରଦାନ କରାଯାଉଛି । ଉକ୍ତ ସମ୍ମାନ ପାଇଁ ଟ ୫୦,୦୦୦/- ଓ ଏକାଡେମୀ ପୁରସ୍କାର ପାଇଁ ଟ.୨୫,୦୦୦/- ନଗଦ ଅର୍ଥରାଶି ସହିତ ତାମ୍ରଫଳକ, ଅଙ୍ଗବସ୍ତ୍ର ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥାଏ ।

୨୦୧୨ ମସିହା ପାଇଁ ସମ୍ମାନିତ ହୋଇଥିବା କଳାକାରମାନେ ହେଲେ କବିସମ୍ରାଟ ଉପେନ୍ଦ୍ରଭଞ୍ଜ ସମ୍ମାନ ଶ୍ରୀଯୁକ୍ତ ମାଗୁଣି ଚରଣ କୁଅଁର, କେନ୍ଦୁଝର ପାଇଥିବା ବେଳେ ନାଟ୍ୟରଚନା ପାଇଁ ଶ୍ରୀ ଚିନ୍ତାମଣି ଜେନା ରାଉରକେଲା, ଯନ୍ତ୍ର ସଙ୍ଗୀତ–ବେହେଲା ପାଇଁ ଶ୍ରୀ ରାମଚନ୍ଦ୍ର ମହାନ୍ତି ଭୁବନେଶ୍ୱର, ନିର୍ଦ୍ଦେଶନା ପାଇଁ ଶ୍ରୀ ବିଧୂଭୂଷଣ ନନ୍ଦ ରାଉରକେଲା, ଲୋକସଙ୍ଗୀତ ପାଲା ପାଇଁ ଶ୍ରୀ ଲକ୍ଷ୍ମୀଧର ରାଉତ କେନ୍ଦ୍ରାପଡା, ଓଡ଼ିଶୀ କଣ୍ଠ ସଙ୍ଗୀତ ପାଇଁ ଶ୍ରୀ ରାମଚନ୍ଦ୍ର ସାହୁ ଦିଲ୍ଲୀ, ଲୋକବାଦ୍ୟ ବିଶାରଦ ପାଇଁ ଶ୍ରୀ ଘାସିରାମ ମିଶ୍ର ବଲଶଙ୍ଗିର, ଲୋକନାଟ୍ୟ–ପ୍ରହ୍ଲାଦ ନାଟକ ପାଇଁ ଶ୍ରୀ ମହେଶ୍ୱର ରଣା ଗଞ୍ଜାମ, ଗୀତିକବିତା ପାଇଁ ଶ୍ରୀ ସଚ୍ଚି ମହାନ୍ତି ଭୁବନେଶ୍ୱର, ଅଭିନୟ ପାଇଁ ଶ୍ରୀମତୀ ମଞ୍ଜୁଲତା ପ୍ରଧାନ ପୁରୀ, ଯନ୍ତ୍ର ସଙ୍ଗୀତ–ମୃଦଙ୍ଗ ପାଇଁ ଶ୍ରୀ ଧନୁର୍ଦ୍ଧର ରେଡ୍ଡୀ ଗଞ୍ଜାମ, ଓଡ଼ିଶୀ ନୃତ୍ୟ ପାଇଁ ସୁଶ୍ରୀ ମିନାକ୍ଷୀ ବେହେରା ଭୁବନେଶ୍ୱର, ସୁଗମ ସଙ୍ଗୀତ ପାଇଁ ଶ୍ରୀମତୀ ଗୀତା ପଟ୍ଟନାୟକ କଟକ, ମଞ୍ଚନାଟକରେ ନୃତ୍ୟ –ମଞ୍ଚକଳା ପାଇଁ ଶ୍ରୀ ବିମ୍ବାଧର ଦାସ ଭୁବନେଶ୍ୱର, ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ ପାଇଁ ଶ୍ରୀ ଏ. ମହେଶ୍ୱର ରାଓ କଟକ, ସମ୍ବଲପୁରୀ ନୃତ୍ୟ ଶ୍ରୀ ରଞ୍ଜନ କୁମାର ସାହୁ ସମ୍ବଲପୁର ।

ସେହିପରି ୨୦୧୩ ମସିହା ପାଇଁ ସମ୍ମାନିତ ହୋଇଥିବା କଳାକାରମାନେ ହେଲେ କବିସମ୍ରାଟ ଉପେନ୍ଦ୍ରଭଞ୍ଜ ସମ୍ମାନ ପଣ୍ଡିତ ଡକ୍ଟର ଦାମୋଦର ହୋତା ଭୁବନେଶ୍ୱର, ଅଭିନୟ ପାଇଁ ଶ୍ରୀ ବଦ୍ରିନାରାୟଣ ମହାପାତ୍ର କଳାହାଣ୍ଡି, ଲୋକନୃତ୍ୟ–ଘୁମୁରା ପାଇଁ ଶ୍ରୀ ଯୁଦ୍ଧିଷ୍ଠିର ପୁଟେଲ କଳାହାଣ୍ଡି, ମଞ୍ଚକଳା– ରୂପସଜ୍ଜା ପାଇଁ ଶ୍ରୀ ବାଞ୍ଛାନିଧି ପଟ୍ଟନାୟକ ଭୁବନେଶ୍ୱର, ସୁଗମ ସଙ୍ଗୀତ ପାଇଁ ଶ୍ରୀ ନବକିଶୋର ମିଶ୍ର ନୟାଗଡ, ଲୋକବାଦ୍ୟ – ମୃଦଙ୍ଗ ପାଇଁ ଶ୍ରୀ ଧନୁ ବିଶୋୟୀ ଗଞ୍ଜାମ, ଯନ୍ତ୍ର ସଙ୍ଗୀତ– ମର୍ଦ୍ଦଳ ପାଇଁ ଶ୍ରୀ ନିରଞ୍ଜନ ପାତ୍ର ଭୁବନେଶ୍ୱର, ଓଡ଼ିଶୀ କଣ୍ଠ ସଙ୍ଗୀତ ପାଇଁ ଶ୍ରୀମତୀ ଆଶାଲତା ଷଡଙ୍ଗୀ ରାଉରକେଲା, ଲୋକନାଟ୍ୟ – ଭାରତଲୀଳା ପାଇଁ ଶ୍ରୀ ରଙ୍କନିଧି ବେହେରା ଗଞ୍ଜାମ, ନିର୍ଦ୍ଦେଶନା ପାଇଁ ଶ୍ରୀ ମନୋଜ ପଟ୍ଟନାୟକ ଭୁବନେଶ୍ୱର, ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ ପାଇଁ ଶ୍ରୀ ବିଜୟାନନ୍ଦ ନାୟକ ଭୁବନେଶ୍ୱର, ନାଟ୍ୟ ରଚନା ପାଇଁ ଶ୍ରୀ ରଣଜିତ୍ ପଟ୍ଟନାୟକ କଟକ, ଗୀତି କବିତା ପାଇଁ ଶ୍ରୀ ମନୋଜ ମହାନ୍ତି ଭୁବନେଶ୍ୱର, ଲୋକସଙ୍ଗୀତ ପାଇଁ ସୁଶ୍ରୀ କ୍ରିଷ୍ଣା ପଟେଲ ସମ୍ବଲପୁର, ଓଡ଼ିଶୀ ନୃତ୍ୟ ପାଇଁ ଶ୍ରୀମତୀ କବିତା ଦ୍ୱିବେଦୀ ଦିଲ୍ଲୀ ।

ବରଦା ପ୍ରସନ୍ନ ଦାସ
ସୂଚନା ଅଧିକାରୀ